# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**24 July - 2024**

**News Editor : Itishree Singh Rathaur**

**********************************

## ମୁଖ୍ୟ ସମ୍ବାଦ

- ଓଡ଼ିଶା ୨୦୨୩-୨୪ ଆର୍ଥିକବର୍ଷରେ ୮ ଦଶମିକ ୫ ପ୍ରତିଶତ ଅଭିବୃଦ୍ଧି ହାସଲ କରିବା ନେଇ ଅର୍ଥନୈତିକ ସର୍ଭେ ରିପୋର୍ଟରେ ପ୍ରକାଶ
- ରେଳ ବଜେଟ୍‌ରେ ରାଜ୍ୟକୁ ୧୦ ହଜାର ୫୮୬ କୋଟି ଟଙ୍କାର ଅନୁଦାନ; ୫୯ଟି ରେଳଷ୍ଟେସନ ଅମୃତ ଭାରତ ଯୋଜନାରେ ସାମିଲ
- ବିଧାନସଭାର ଉପବାଚସ୍ପତି ଭାବରେ ନିର୍ବାଚିତ ହେଲେ ତଳସରା ବିଧାୟକ ଭବାନୀ ଶଙ୍କର ଭୋଇ

ଏବଂ

- ରାଜ୍ୟରେ ଆସନ୍ତା ୫ ଦିନ ପର୍ଯ୍ୟନ୍ତ ବର୍ଷା ଜାରି ରହିବା ନେଇ ପାଣିପାଗ କେନ୍ଦ୍ରର ସୂଚନା

# ବିଧାନସଭା-ଅର୍ଥନୈତିକ ସର୍ଭେ

ବିଧାନସଭାରେ ଆସନ୍ତାକାଲି ବଜେଟ୍ ଉପସ୍ଥାପନ ହେବ। ଏହା ପୂର୍ବରୁ ଆଜି ରାଜ୍ୟ ସରକାର ୨୦୨୩-୨୪ ଆର୍ଥିକବର୍ଷର ଅର୍ଥନୈତିକ ସର୍ଭେ ରିପୋର୍ଟ ପ୍ରକାଶ କରିଛନ୍ତି। ରିପୋର୍ଟରେ ୨୦୨୩-୨୪ ବର୍ଷ ପାଇଁ ଓଡ଼ିଶାର ଅର୍ଥନୀତି ୮ ଦଶମିକ ୫ ପ୍ରତିଶତ ଅଭିବୃଦ୍ଧି ହାସଲ କରିବା ନେଇ ଆକଳନ କରାଯାଇଛି। ସେହିଭଳି ରାଜ୍ୟର ମୁଣ୍ଡପିଛା ଆୟ ୧ ଲକ୍ଷ ୬୧ ହଜାର ୪୩୭ ଟଙ୍କାରେ ପହଞ୍ଚିଛି। ୨୦୧୫-୧୬ରୁ ୨୦୧୯ ରୁ ୨୦୨୧ ମଧ୍ୟରେ ରାଜ୍ୟରେ ୬୨ ଲକ୍ଷରୁ ଅଧିକ ଲୋକ ଦାରିଦ୍ର୍ୟରୁ ମୁକ୍ତ ହୋଇଛନ୍ତି। କୃଷି କ୍ଷେତ୍ରରେ ମଧ୍ୟ ୩ ଦଶମିକ ୫ ପ୍ରତିଶତ ଅଭିବୃଦ୍ଧି ଆକଳନ କରାଯାଇଛି। ରିପୋର୍ଟରେ ଉଲ୍ଲେଖ ହୋଇଛି, ରାଜ୍ୟରେ ସେବା କ୍ଷେତ୍ରରେ ଅଭିବୃଦ୍ଧି ଓ ନିଯୁକ୍ତି ପାଇଁ ପର୍ଯ୍ୟଟନ କ୍ଷେତ୍ରରେ ପ୍ରଚୁର ସମ୍ଭାବନା ରହିଛି। ରାଜ୍ୟର ପର୍ଯ୍ୟଟନକୁ ଶୀର୍ଷରେ ପହଞ୍ଚାଇବା ପାଇଁ ଅଧିକ ପୁଞ୍ଜି ବିନିଯୋଗ କରିବାର ଆବଶ୍ୟକତା ରହିଛି। ସେହିଭଳି ରାଜ୍ୟରେ ୨୦୨୨-୨୩ ଆର୍ଥିକବର୍ଷରେ ୧୪୧ ଦଶମିକ ୪ ଲକ୍ଷ ମେଟ୍ରିକ୍ଟନ୍ ଖାଦ୍ୟଶସ୍ୟ ଉତ୍ପାଦନ ହୋଇଛି। ରାଜ୍ୟରେ ପ୍ରାଣୀସମ୍ପଦ ଓ ମତ୍ସ୍ୟ ଉତ୍ପାଦନରେ ଯଥେଷ୍ଟ ଅଭିବୃଦ୍ଧି ହୋଇଛି।

୨୦୨୨-୨୩ରେ ରାଜ୍ୟରେ ୧୦ ଦଶମିକ ୫ ଲକ୍ଷ ଟନ୍ ମତ୍ସ୍ୟ ଉମପ୍ତାଦନ ହୋଇଛି। ସେହିଭଳି ଦେଶର ମୋଟ୍ ଖଣିଜ ଉତ୍ପାଦନରେ ରାଜ୍ୟର ୪୧ ଦଶମିକ ୯ ପ୍ରତିଶତ ଅବଦାନ ରହିଛି। ୨୦୨୨-୨୩

ଆର୍ଥିକବର୍ଷରେ ରାଜ୍ୟର ଖଣିଜ ରାଜସ୍ୱ ୩୮ ହଜାର ୭୫ କୋଟି ଟଙ୍କାରେ ପହଞ୍ଚିଛି। ରିପୋର୍ଟ ଅନୁସାରେ ରାଜ୍ୟ ଦେଶର ପଞ୍ଚମ ବୃହତ୍ତମ ସଡକ ନେଟ୍‌ୱର୍କରେ ପରିଣତ ହୋଇଛି। ତେବେ ଦୁର୍ଗମ ଅଂଚଳରେ ସଡକ ଯୋଗାଯୋଗରେ ଉନ୍ନତି ଆଣିବାର ଆବଶ୍ୟକତା ରହିଛି। ବିଦ୍ୟାଳୟ ସ୍ତରରେ ରାଜ୍ୟରେ ମୋଟ୍ ନାମଲେଖା ଅନୁପାତ ସର୍ବଭାରତୀୟ ହାରଠାରୁ କମ୍ ରହିଛି। ୨୦୧୪-୧୫ରୁ ୨୦୨୧-୨୨ ମଧ୍ୟରେ ମାଧ୍ୟମିକ ସ୍ତରରେ ଅଧାରୁ ପାଠ ଛାଡିବା ହାର ୨୨ ଦଶମିକ ୨ ପ୍ରତିଶତକୁ ହ୍ରାସ ପାଇଛି। ମହିଳା ସାକ୍ଷରତା କ୍ଷେତ୍ରରେ ରାଜ୍ୟରେ ଅଗ୍ରଗତି ହୋଇଛି। ୨୦୨୨-୨୩ ଆର୍ଥିକବର୍ଷରେ ସାକ୍ଷରତା ହାର ବୃଦ୍ଧି ପାଇ ୭୩ ଦଶମିକ ୬ ପ୍ରତିଶତକୁ ପହଞ୍ଚିଛି ବୋଲି ରିପୋର୍ଟରେ ଦର୍ଶାଯାଇଛି।

## ଅଶ୍ୱିନୀ ବୈଷ୍ଣବ

ରେଳ ବଜେଟ୍‌ରେ ଓଡ଼ିଶା ପାଇଁ ୧୦ ହଜାର ୫୮୬ କୋଟି ଟଙ୍କାର ଅନୁଦାନ ଦିଆଯାଇଛି ବୋଲି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି। ଏଥିସହ ୫୯ଟି ରେଳଷ୍ଟେସନକୁ ଅମୃତ ଭାରତ ଷ୍ଟେସନ ଯୋଜନାରେ ସାମିଲ କରାଯାଇଛି। ସେ କହିଛନ୍ତି, ପୂର୍ବ ସରକାର ସମୟରେ ଓଡ଼ିଶାକୁ ୮୩୮ କୋଟି ଟଙ୍କା ମିଳୁଥିଲା। ମାତ୍ର ବର୍ତ୍ତମାନ ଓଡ଼ିଶାକୁ ପୂର୍ବ ତୁଳନାରେ ୧୨ ଗୁଣ ଅଧିକ ଅନୁଦାନ ମିଳୁଛି। ଓଡ଼ିଶାରେ ବର୍ତ୍ତମାନ ୪୦ଟି ବିଭିନ୍ନ ରେଳପ୍ରକଳ୍ପ କାର୍ଯ୍ୟ ଜାରି ରହିଛି। ଗତ ୧୦ ବର୍ଷ ମଧ୍ୟରେ ୪୨୭ଟି

ଫ୍ଲାଇଓଭର ଏବଂ ଅଣ୍ଡରପାସ୍ ନିର୍ମାଣ ହୋଇଛି। ଏହାସହିତ ଓଡ଼ିଶାରେ ଶତପ୍ରତିଶତ ବିଦ୍ୟୁତୀକରଣ ହୋଇଛି ବୋଲି ମନ୍ତ୍ରୀ ଆଜି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି.....

# - V/O –

## ବଜେଟ୍-ବ୍ୟୟ ଅଟକଳ

୨୦୨୪-୨୫ ଆର୍ଥିକବର୍ଷ ପାଇଁ କେନ୍ଦ୍ର ବଜେଟ୍‌ରେ ଜନଜାତି ବ୍ୟାପାର ମନ୍ତ୍ରଣାଳୟ ଲାଗି ମୋଟ୍ ୧୩ ହଜାର କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ବଜେଟ୍‌ରେ ଆଦିବାସୀ ସମ୍ପ୍ରଦାୟର ସାମାଜିକ ଓ ଅର୍ଥନୈତିକ ବିକାଶ ପାଇଁ ପ୍ରଧାନମନ୍ତ୍ରୀ ଜନଜାତୀୟ ଉନ୍ନତ ଗ୍ରାମ ଅଭିଯାନ ଘୋଷଣା କରାଯାଇଛି। ଏହି ଯୋଜନାରେ ଆଦିବାସୀ ଅଧ୍ୟୁଷିତ ଗ୍ରାମ ଓ ଆକାଂକ୍ଷୀ ଜିଲ୍ଲାଗୁଡ଼ିକରେ ଥିବା ଆଦିବାସୀବହୁଳ ୬୩ ହଜାର ଗ୍ରାମକୁ ଅନ୍ତର୍ଭୁକ୍ତ କରାଯିବ। ଏହି ପଦକ୍ଷେପ ଦ୍ୱାରା ୫ କୋଟି ଆଦିବାସୀ ଉପକୃତ ହେବେ ବୋଲି ଜଣାପଡିଛି। ସରକାରଙ୍କ ଏହି ପଦକ୍ଷେପ ପାଇଁ କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ ଜୁଏଲ୍ ଓରାମ ପ୍ରଧାନମନ୍ତ୍ରୀ ଓ ଅର୍ଥମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ସେ କହିଛନ୍ତି, ସମଗ୍ର ଦେଶରେ ଆଦିବାସୀ ସମ୍ପ୍ରଦାୟର ବିକାଶ ପାଇଁ ସମନ୍ୱିତ ସାମାଜିକ, ଅର୍ଥନୈତିକ ଅଭିବୃଦ୍ଧି, ଭିତ୍ତିଭୂମି ବିକାଶ ଦିଗରେ  ଏହି ଯୋଜନା ସହାୟକ ହେବ।

## ବିଧାନସଭା-ଉପବାଚସ୍ପତି

ବିଧାନସଭାର ଉପବାଚସ୍ପତି ଭାବେ ତଳସରା ବିଧାୟକ ଭବାନୀ ଶଙ୍କର ଭୋଇ ସର୍ବସମ୍ମତିକ୍ରମେ ନିର୍ବାଚିତ ହୋଇଛନ୍ତି। ଏ ନେଇ ବାଚସ୍ପତି ସୁରମା ପାଢ଼ୀ ଆଜି ତାଙ୍କ ନାଁ ଗୃହରେ ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶ୍ରୀ ଭୋଇଙ୍କୁ ପ୍ରଥମେ ସର୍ବସର୍ମ୍ମତିକ୍ରମେ ଉପବାଚସ୍ପତି କରିବାକୁ ଗୃହରେ ପ୍ରସ୍ତାବ ଦେଇଥିଲେ। ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ ତାଙ୍କୁ ସମର୍ଥନ ଜଣାଇଥିଲେ। ପରେ ବିରୋଧି ଦଳ ନେତା ନବୀନ ପଟ୍ଟନାୟକ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ତାଙ୍କୁ ସମର୍ଥନ ଜଣାଇବା ସହ ଶୁଭେଚ୍ଛା ଜଣାଇଥିଲେ। ଉପବାଚସ୍ପତି ଭାବେ ନିର୍ବାଚିତ ହେବା ପରେ ଶ୍ରୀ ଭୋଇ ଗୃହର ମର୍ଯ୍ୟାଦା ରକ୍ଷା କରିବାରେ ସମସ୍ତେ ଯତ୍ନବାନ ହେବା ଉଚିତ୍ ବୋଲି କହିଛନ୍ତି।

## ବିଧାନସଭା-୨

ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୬ଲକ୍ଷ ୧୯ହଜାର ୬୩୮ ପରିବାର ନୂତନ ରାସନ କାର୍ଡ ପାଇଁ ଆବେଦନ କରିଛନ୍ତି ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର କହିଛନ୍ତି। ବିଧାନସଭାରେ ଆଜି ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଏକ ପ୍ରଶ୍ନର ଲିଖିତ ଉତ୍ତର ଦେଇ ମନ୍ତ୍ରୀ କହିଛନ୍ତି, ବର୍ତ୍ତମାନ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ୍‌ରେ ରାଜ୍ୟର ୯୨ଲକ୍ଷ ୬୬ହଜାର ୪୯୧ ପରିବାରର ୩କୋଟି ୨୫ଲକ୍ଷ ୯୩ ହଜାର ୮୭୫ ଲୋକ ସାମିଲ ଅଛନ୍ତି। ସେହିପରି ଜାତୀୟ ଖାଦ୍ୟ

ସୁରକ୍ଷା ଯୋଜନାରେ ୩ଲକ୍ଷ ୧୫ହଜାର ୨୩୭ ପରିବାରର ୧୦ଲକ୍ଷରୁ ଅଧିକ ପରିବାର ସାମିଲ ଅଛନ୍ତି । ଆବେଦନ ତାଲିକାରେ ଗଞ୍ଜାମ ଜିଲ୍ଲାରେ ଏକ ଲକ୍ଷରୁ ଅଧିକ ପରିବାର ଥିବାବେଳେ ବାଲେଶ୍ୱର ଜିଲ୍ଲାରେ ୬୫ହଜାରରୁ ଅଧିକ ଏବଂ କଟକ ଜିଲ୍ଲାରେ ୫୦ହଜାରରୁ ଅଧିକ ପରିବାର ରହିଛନ୍ତି ।

## ମୁଖ୍ୟମନ୍ତ୍ରୀ-କ୍ୟାବିନେଟ୍

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଆଜି ରାତି ସାଢ଼େ ୮ଟାରେ କ୍ୟାବିନେଟ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବ। ଏଥିରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯିବାର ସୂଚନା ମିଳିଛି।

## ବନକଲାଗି

**ପୁରୀ** ଶ୍ରୀମନ୍ଦିରରେ ଆଜି ଶ୍ରୀଜୀଉଙ୍କର ବନକଲାଗି ନୀତି ଅନୁଷ୍ଠିତ ହେଉଛି। ଦ୍ୱିତୀୟ ଭୋଗମଣ୍ଡପ ନୀତି ଶେଷ ହେବା ପରେ ଏହି ଗୁପ୍ତ ନୀତି ଆରମ୍ଭ ହୋଇଛି। ପ୍ରାକୃତିକ ରଙ୍ଗରେ ମହାପ୍ରଭୁଙ୍କର ଶ୍ରୀମୁଖ ଶୃଙ୍ଗାର ହେଉଛି। ଏହି ଗୁପ୍ତ ନୀତି ପ୍ରାୟ ୪ ଘଣ୍ଟା ଧରି ଚାଲିବ। ଏଥିପାଇଁ ସନ୍ଧ୍ୟା ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ମହାପ୍ରଭୁଙ୍କ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ରାଷ୍ଟ୍ରୀୟ ଉଦ୍ୟାନ କୃଷି ଗବେଷଣା

**ବୌଦ୍ଧ** ଜିଲ୍ଲା ପାଲଝାରଠାରେ ଥିବା ରାଷ୍ଟ୍ରୀୟ ଉଦ୍ୟାନ କୃଷି ଗବେଷଣା ଓ ଉନ୍ନୟନ ପ୍ରତିଷ୍ଠାନଠାରେ ବିଦ୍ୟାଳୟଗୁଡ଼ିକରେ କିଚେନ୍ ଗାର୍ଡେନ୍ ସମ୍ପର୍କିତ

କର୍ମଶାଳା ଅନୁଷ୍ଠିତ ହୋଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ଗେନ୍ଦ୍ରା କୁଜୁର୍ ଅତିରିକ୍ତ ଜିଲ୍ଲା ଶିକ୍ଷାଅଧିକାରୀ ଘନଶ୍ୟାମ ମେହେରଙ୍କ ସମେତ ୨୫ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଯୋଗଶିକ୍ଷକମାନେ ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟଗୁଡ଼ିକରେ କିଚେନଗାର୍ଡେନ୍ ପ୍ରତିଷ୍ଠା ପାଇଁ ଥିବା ସରକାରୀ ଯୋଜନା ଓ କୌଶଳ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା।

## ପ୍ରଶିକ୍ଷଣ କାର୍ଯ୍ୟକ୍ରମ

**ସମ୍ବଲପୁର** ଜିଲ୍ଲାପାଳଙ୍କ ସମିଳନୀ କକ୍ଷରେ କର୍ମକ୍ଷେତ୍ରରେ ଯୌନ ନିର୍ଯାତନା ସମ୍ପର୍କରେ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କର୍ମକ୍ଷେତ୍ରରେ ମହିଳାଙ୍କ ଯୌନ ନିର୍ଯାତନା, ଆଇନ୍ ଓ ନିୟମ, ଲିଙ୍ଗଗତ ଧାରଣା, ମାମଲା ପରିଚାଳନା ଆଦି ସମ୍ପର୍କରେ ଆଲୋଚନା ହୋଇଥିଲା।

## ପାଣିପାଗ-ବୌଦ୍ଧ

ଲଘୁଚାପଜନିତ ବର୍ଷାରେ **ବୌଦ୍ଧ** ଜିଲ୍ଲାର ବିଭିନ୍ନ ସହରାଞ୍ଚଳ ଜଳମଗ୍ନ ହୋଇପଡିଛି। ଗତ ୩ ଦିନ ହେବ ଜିଲ୍ଲାରେ ପ୍ରବଳ ବର୍ଷା ଲାଗିରହିଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି ଆଜି ନିର୍ବାହୀ ଅଧିକାରୀ ପ୍ରଭାବିତ ଅଂଚଳ ପରିଦର୍ଶନ କରିଛନ୍ତି। ସହରର ଖଦାଳ ସାହି, ହରିଜନ ସାହି ଆଦି ଅଂଚଳରେ ବର୍ଷାଜଳ ଜମି କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିବା ଆମ ସମ୍ବାଦଦାତା ଜଣାଇଛନ୍ତି।

# ପାଣିପାଗ

ମୌସୁମୀ ସକ୍ରିୟ ରହିଥିବାରୁ ଦକ୍ଷିଣ ଓ ଆଭ୍ୟନ୍ତରୀଣ ଓଡ଼ିଶାର ଅଧିକାଂଶ ସ୍ଥାନରେ ବର୍ଷା ଲାଗି ରହିଛି । ଆସନ୍ତା ୫ ଦିନ ପର୍ଯ୍ୟନ୍ତ ରାଜ୍ୟର କେତେକ ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବା ନେଇ ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି ।

ଆସନ୍ତା ୨୪ ଘଣ୍ଟା ମଧ୍ୟରେ ମାଲକାନଗିରି, କୋରାପୁଟ, ରାୟଗଡ଼ା, ନବରଙ୍ଗପୁର ଓ ନୂଆପଡା ଜିଲ୍ଲାର କେତେକ ସ୍ଥାନରେ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ସେହିଭଳି ୧୩ ଟି ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ସତର୍କ ସୂଚନା ଜାରି କରାଯାଇଛି ।

*********************************